# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 April - 2026

************************************

## ମୁଖ୍ୟ ସମ୍ବାଦ

- ମହିଳା ସଂରକ୍ଷଣ ଆଇନ୍‌କୁ କାର୍ଯ୍ୟକାରୀ କରିବା ନେଇ ଆସନ୍ତା ଗୁରୁବାରଠାରୁ ସଂସଦରେ ଆରମ୍ଭ ହେବ ସ୍ୱତନ୍ତ୍ର ଅଧିବେଶନ

- ୩୩ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ମହିଳାଙ୍କ ସ୍ୱରକୁ ଶାଣିତ କରିବ; ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ରାମାଭିଷେକ ନୀତି

— ଆସନ୍ତାକାଲିଠାରୁ ଆରମ୍ଭ ହେବ ଭିତର ରତ୍ନଭଣ୍ଡାର ଗଣତି-ମଣତି କାର୍ଯ୍ୟ

- ୯୨ ବର୍ଷ ବୟସରେ ବିଶିଷ୍ଟ ଗାୟିକା ଆଶା ଭୋସ୍‌ଲେଙ୍କ ପରଲୋକ

ଏବଂ

- ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ନାରୀଶକ୍ତି ବନ୍ଦନ

ସଂସଦରେ ଆସନ୍ତା ଗୁରୁବାରରୁ ଶନିବାର ପର୍ଯ୍ୟନ୍ତ ନାରୀ ଶକ୍ତି ପାଇଁ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ।

ମହିଳା ସଂରକ୍ଷଣ ଆଇନ୍‌କୁ କାର୍ଯ୍ୟକାରୀ କରିବା ନେଇ ସମୟ ଉପନୀତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ୨୦୨୯ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ । ସଂସଦରେ ଅନୁଷ୍ଠିତ ହେବାକୁ ଥିବା ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଲୋକସଭା ଏବଂ ରାଜ୍ୟସଭାର ନେତୃମଣ୍ଡଳୀଙ୍କୁ ଚିଠି ଲେଖି ଶ୍ରୀ ମୋଦୀ ମହିଳା ସଂରକ୍ଷଣ ଆଇନ୍‌କୁ ପାରିତ କରିବା ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବ୍ୟାପକ ବିଚାରବିମର୍ଷ ପରେ ଦେଶରେ ନାରୀଶକ୍ତି ବନ୍ଦନ ଅଧିନିୟମକୁ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ସଂସଦର ବଜେଟ୍ ଅଧିବେଶନର ଅବଧିକୁ ଏ ସଂକ୍ରାନ୍ତ ଆଲୋଚନା ପାଇଁ ବୃଦ୍ଧି କରାଯାଇଛି । ଶ୍ରୀ ମୋଦୀ କହିଛନ୍ତି, ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଲୋକସଭାରେ ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ପାଇବ । ସେଥିରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ।

୨୦୨୩ ମସିହାରେ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥା ହୋଇଛି । ଏହି ସ୍ୱତନ୍ତ୍ର ଅଧିବେଶନରେ ଉପସ୍ଥିତ ରହିବାକୁ ବିଜେପି ପକ୍ଷରୁ ହ୍ୱିପ୍ ଜାରି କରାଯାଇଛି । ଉଭୟ ସଦନରେ ଦଳୀୟ ସଦସ୍ୟ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାରୀଶକ୍ତି ବନ୍ଦନ ଅଧିନିୟମ ଦେଶର ନାରୀଶକ୍ତିକୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ କେବଳ ଏକ ତୃତୀୟାଂଶ ସଂରକ୍ଷଣ ଦେବନାହିଁ; ବରଂ ୨୦୪୭ ମସିହାରେ ବିକଶିତ ଭାରତ ସ୍ୱପ୍ନର ସଫଳ ରୂପାୟନ କରିବା ପାଇଁ ଆଧାରଶୀଳା ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ୩୩ ପ୍ରତିଶତ ମହିଳା ସଂରକ୍ଷଣ ବ୍ୟବସ୍ଥା ଦେଶରେ ମହିଳାଙ୍କ ସ୍ୱରକୁ ଆହୁରି ଶାଣିତ କରିବ। ପୂର୍ବ ଅପେକ୍ଷା ମହିଳାମାନେ ଅଧିକ ସଶକ୍ତ ହୋଇଛନ୍ତି। ପୁରୁଷଙ୍କଂଠାରୁ ମହିଳା ଭୋଟରଙ୍କ ପ୍ରତିଶତ ଅଧିକ ରହିଛି ବୋଲି ଶ୍ରୀମତୀ ପରିଡା କହିଛନ୍ତି।

**- V/O –**

**ରାମାଭିଷେକ ନୀତି**

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କ ପବିତ୍ର ରାମାଭିଷେକ ନୀତି ଅନୁଷ୍ଠିତ ହେବ। ଏଥିସହ ଶ୍ରୀରାମନବମୀଠାରୁ ଆରମ୍ଭ ହୋଇଥିବା ଶ୍ରୀକ୍ଷେତ୍ର ସାହିଯାତ ମଧ୍ୟ ଶେଷ ହେବ। ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ନକ୍ଷତ୍ର ଦିଅଁ ଭିତରକୁ ବିଜେ କରିବେ। ଜୟବିଜୟ ଦ୍ୱାରରେ ଭୋଗ ଓ ବନ୍ଦାପନା ନୀତି ପରେ ଦିଅଁ ଦକ୍ଷିଣୀଘରକୁ ବିଜେ ହେବେ। ଅନ୍ୟାନ୍ୟ ନୀତି ସରିବା ପରେ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତାଙ୍କୁ ପାଲିଙ୍କି ବିଜେ କରାଯାଇ ଜଗନ୍ନାଥବଲ୍ଲଭ ମଠକୁ ନିଆଯିବ। ସେଠାରେ ଗୌଡ଼ବାଡ଼ ସାହି ଆଖଡା ପକ୍ଷରୁ ଶ୍ରୀରାମଙ୍କ ଅଭିଷେକ ନୀତି ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିରକୁ ଠାକୁର ବାହୁଡା ବିଜେ କରିବେ।

ପବିତ୍ର ରାମାଭିଷେକ ନୀତି ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ସମନ୍ୱୟର ପ୍ରତୀକ ସ୍ୱରୂପ ଶ୍ରୀରାମନବମୀଠାରୁ ଅନୁଷ୍ଠିତ ଏହି ମନୋରମ ନୀତି ଓ ଲୋକକଳା ଆମ ସାଂସ୍କୃତିକ ଐତିହ୍ୟକୁ ଅଧିକ ଋଦ୍ଧିମନ୍ତ କରିଛି।

# ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ଭିତର ରତ୍ନଭଣ୍ଡାର ଗଣତି-ମଣତି କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଭିତର ରତ୍ନଭଣ୍ଡାର

ଗଣତ-ମଣତି କାର୍ଯ୍ୟକୁ ଶୃଙ୍ଖଳିତ କରିବା ନେଇ ଆଲୋଚନା ହୋଇଛି। ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଆଭାସୀ ମାଧ୍ୟମରେ ଯୋଗଦେଇଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସେବାୟତ ପ୍ରତିନିଧି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟ ଗତକାଲି ଶେଷ ହୋଇଛି । ୧୯୭୮ ମସିହା ତାଲିକା ଅନୁଯାୟୀ ବାହାର ରତ୍ନ ଭଣ୍ଡାରର ୧୧୮ ପ୍ରକାରର ରତ୍ନ ଅଳଙ୍କାର ରହିଥିଲା । ତେବେ ଭଣ୍ଡାର ମେକାପ ଅଧିକ ଅଳଙ୍କାର ଥିବା ନେଇ ସୂଚନା ଦେବା ପରେ ଏହି ସଂଖ୍ୟା ୧୪୭ରେ ପହଞ୍ଚିଥିବା ଜଣାପଡିଛି ।

## ଆଶା ଭୋଁସ୍‌ଲେ ପରଲୋକ

ବର୍ଷୀୟାନ ଗାୟିକା ପଦ୍ମବିଭୂଷଣ ଆଶା ଭୋଁସ୍‌ଲେଙ୍କର ମୁମ୍ବାଇରେ ଆଜି ୯୨ ବର୍ଷ ବୟସରେ ପରଲୋକ ହୋଇଛି। ଶାରୀରିକ ଅସୁସ୍ଥତା କାରଣରୁ ଗତକାଲି ସନ୍ଧ୍ୟାରେ ତାଙ୍କୁ ମୁମ୍ବାଇର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ବିୟୋଗରେ ସଂଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରି କହିଛନ୍ତି, ଦଶନ୍ଧୀ ଧରି ତାଙ୍କ ସଂଗୀତ ଯାତ୍ରା ଆମର ସଂସ୍କୃତି ଏବଂ ଐତିହ୍ୟକୁ ସମୃଦ୍ଧ କରିଛି।

ଆଶାଙ୍କ ଗୀତଗୁଡ଼ିକ ଜନସାଧାରଣଙ୍କ ଜୀବନରେ ଚିରକାଳ ପାଇଁ ପ୍ରତିଧ୍ୱନିତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ଭୋସ୍‌ଲେଙ୍କ ପରଲୋକରେ ଶୋକ ବ୍ୟକ୍ତ କରି କହିଛନ୍ତି, ତାଙ୍କ କଣ୍ଠସ୍ୱର ପରବର୍ତ୍ତୀ ପିଢ଼ିଙ୍କୁ ଅନୁପ୍ରାଣିତ କରିବ । ତାଙ୍କ ସ୍ୱରରେ ଭାବନା ଏବଂ ଅନୁଭବର ଯାଦୁ ରହିଥିଲା ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା.....

୧୯୩୩ ମସିହାରେ ତତ୍‌କାଳୀନ ବ୍ରିଟିଶ ସାମ୍ରାଜ୍ୟର ମହାରାଷ୍ଟ୍ରର ସାଙ୍ଗଲୀଠାରେ ଜନ୍ମଗ୍ରହଣ କରିଥିବା ଆଶା ଭୋସ୍‌ଲେଙ୍କୁ ଆଧୁନିକ ଭାରତୀୟ ସଂଗୀତର ଜଣେ ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ବିବେଚନା କରାଯାଏ । ୧୯୪୩ ମସିହାରେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ଗୀତ ରେକର୍ଡ କରାଯାଇଥିଲା । ୧୯୫୦ ଦଶକ ସୁଦ୍ଧା ସେ ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଜଣେ ପାର୍ଶ୍ୱ ଗାୟିକା ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ।

ଶ୍ରେଷ୍ଠ ଚଳଚ୍ଚିତ୍ର ପାର୍ଶ୍ୱଗାୟିକା ଭାବେ ସାତ ଥର ଫିଲ୍ମଫେୟାର ଆୱାର୍ଡ ବିଜୟୀ ହେବା ସହିତ ୨୦୦୦ ମସିହାରେ ଜୀବନବ୍ୟାପୀ ସାଧନା ପାଇଁ ଦାଦାସାହେବ ଫାଲକେ ପୁରସ୍କାରରେ ତାଙ୍କୁ ସମ୍ମାନୀତ କରାଯାଇଥିଲା । ୨୦୦୮ ମସିହାରେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମ ବିଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦ରୁ ଊର୍ଦ୍ଧ୍ୱ ଭାଷା ଏବଂ ୧୨ ହଜାରରୁ

ଊର୍ଦ୍ଧ୍ୱ ଗୀତରେ ସେ କଣ୍ଠଦାନ କରିଛନ୍ତି। ହିନ୍ଦୀ, ବଙ୍ଗଳା, ତେଲଗୁ ଓ ଓଡ଼ିଆରେ କଣ୍ଠଦାନ କରି ସେ ସଂଗୀତପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି।

ଶୁଣନ୍ତୁ ସ୍ୱର ସାମ୍ରାଜ୍ଞୀଙ୍କ କିଛି ଅଭୁଲା ଗୀତ.....

୯୦ ଦଶକର ସେ ଗାଇଥିବା ଅନେକ କାଳଜୟୀ ଗୀତ ଆଜି ବି ସଂଗୀତପ୍ରେମୀମାନେ ଭୁଲି ପାରୁ ନାହାନ୍ତି।

ବିଶିଷ୍ଟ ଗାୟିକା ଆଶାଙ୍କ ମୃତ୍ୟୁରେ ଜଣେ ବ୍ୟକ୍ତି ନୁହେଁ; ଗୋଟିଏ ଯୁଗର ଅବସାନ ହୋଇଯାଇଛି।

ଆସନ୍ତାକାଲି ଅପରାହ୍ଣ ୪ଟା ସମୟରେ ମୁମ୍ବାଇର ଶିବାଜୀ ପାର୍କରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡିଛି।
ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ

# ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସରେ ଆଜି ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଓଡ଼ିଆ ଜାତିର ସ୍ୱାଭିମାନ ଓ ସମୃଦ୍ଧ ସଂସ୍କୃତିର ମୂଳଦୁଆ ପକାଇଥିବା ଆମର ବରପୁତ୍ରମାନଙ୍କୁ ସମ୍ମାନ ଜଣାଇବା ପାଇଁ 'ବନ୍ଦନୀୟ ବରପୁତ୍ର' ଆୟୋଜିତ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବଜଙ୍କ ବୀରଗାଥା ଓ ତ୍ୟାଗକୁ ସ୍ମରଣ କରିବା

ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ ନେବାପାଇଁ ଆହ୍ୱାନ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି। ସରକାରୀ କାର୍ଯ୍ୟାଳୟ ଏବଂ ବେସରକାରୀ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦନୀୟ ବରପୁତ୍ରମାନଙ୍କ ସ୍ମୃତିଚାରଣ ଆଲୋଚନାଚକ୍ର ସଂସ୍କୃତିଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ସମାଜର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

**ସୁବର୍ଣ୍ଣପୁର** ଠାରେ ଆୟୋଜିତ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତିଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ବରପୁତ୍ରମାନଙ୍କର ସ୍ମୃତିଚାରଣ କରିଥିଲେ।

## ଶିଳାନ୍ୟାସ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି **ନବରଙ୍ଗପୁର** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

କରିଛନ୍ତି। ଉମରକୋଟ ନୂତନ ବସ୍‌ଷ୍ଟାଣ୍ଡଠାରେ ୧୬ ଲକ୍ଷ ଟଙ୍କା ବ୍ୟାୟ ବରାଦରେ ନବନିର୍ମିତ ଆକାଂକ୍ଷୀ ଶୌଚାଳୟଗୁଡ଼ିକର ଉଦ୍‌ଘାଟନ କରିବା ସହିତ ୧୫ ଲକ୍ଷ ଟଙ୍କା ଅନୁଦାନରେ ଶ୍ରୀଜଗନ୍ନାଥ ମନ୍ଦିରର ଭୋଗମଣ୍ଡପ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ଏଥିସହ ମନ୍ତ୍ରୀ ଶ୍ରୀ ଗଣ୍ଡ ୬୬ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପେଣ୍ଡରାଣୀ ମନ୍ଦିର ପରିସରରେ କମ୍ୟୁନିଟି ହଲ୍, ଅର୍ବାନ୍ ଫରେଷ୍ଟ ପାର୍କ ଓ ଆକାଂକ୍ଷୀ ଶୌଚାଳୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## ଦୀନଦୟାଲ ମହାଭିଯାନ

**ଗଞ୍ଜାମ** ଜିଲ୍ଲା ପୋଲସରା ଏନ୍‌ଏସି ଲଙ୍ଗଳେଶ୍ୱର  କଲ୍ୟାଣମଣ୍ଡପରେ ହାତୀ ଓଟମଣ୍ଡ ଓ ପୋଲସରା ନଗରମଣ୍ଡଳସ୍ତରୀୟ ପଣ୍ଡିତ୍ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ୨୦୨୨ ଆୟୋଜନ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମାଜର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀ ଟ୍ରଫି

**କେନ୍ଦ୍ରାପଡା** ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡା ଏବଂ ଯୁବସେବା ବିଭାଗ ପକ୍ଷରୁ ଓଡ଼ିଶା କ୍ରୀଡା ମହାକୁମ୍ଭ ସିଏମ୍ ଟ୍ରଫି ଆରମ୍ଭ ହୋଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ହୋଇ ରହିଥିବା ବିଭିନ୍ନ କ୍ରୀଡା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା

ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଏହା ହେଉଛି ପ୍ରଥମ ସଂସ୍କରଣ। ଏହି କାର୍ଯ୍ୟକ୍ରମ ଦୁଇଦିନ ବ୍ୟାପୀ ଚାଲିବ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଦିନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। ଆଜି ଦିନ ଗୋଟାଏ ସୁଦ୍ଧା ଦିନର ସର୍ବୋଚ୍ଚ ତାପମାତ୍ରା ଟିଟିଲାଗଡ଼ଠାରେ ୩୯ ଦଶମିକ ୫ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି।